# ODM PUBLIC SCHOOL

**CLASS : IV**
**SUBJECT :** ପାଠ ୨
**CHAPTER NAME :** ହଜିଲା ଦିନ ର କଥା
**SUB TOPIC :** ଅନୁଛେଦ ବ୍ୟାଖ୍ୟା  ଏବଂ କଠିନ ଶବ୍ଦ

CHANGING YOUR TOMORROW


ହଜିଲା
ଦିନର କଥା
- ରମେଶ ଚନ୍ଦ୍ର ଭଞ୍ଜ
ODM
EDUCATIONAL GROUP
Changing your Tomorrow

ସୁଦାମକୁ ପାଖକୁ ଡାକି ବାବୁ ପଚାରିଲେ । ସୁଦାମ ସିଧାସିଧା ମାନିଗଲା । ସିଏ କାହିଁକି ଲୁଚାଇବ ? କୋଠି ଖର୍ଚ୍ଚ ବାଦ କ୍ଷୀର ଢେର ବଳକା ହେଉଛି । ସେ କ୍ଷୀର ଆଉ କଣ ହେବ ? ତେଣୁ ସେ ବିକି ଦେଉଛି । ସେହି ପଇସା ରେ ଗାଈ ଙ୍କ ପାଇଁ ଚୂନି, ଚୋକଡ, ପିଡିଆ , ନଡ଼ାପାଳ , କିଣି ଖାଇବାକୁ ଦେଉଛି ।

ଏ ସବୁ ଶୁଣି ଗର୍ଜି ଉଠିଲେ ବାବୁ _ "ହଇରେ ! ମଧୁ ଦାସ ଶେଷ କୁ କ୍ଷୀର ବିକିବ ? ଛିଃ -ଛିଃ ! ତା ପୁଣି ଏଇ ଗରିବ ଲୋକଗୁଡ଼ାଙ୍କୁ ! ଲୋକେ ଶୁଣିଲେ କଣ କହିବେ ? ଗାଈ ଙ୍କର ଯଦି ଦାନାର ଅଭାବ ହେଉଛି ମତେ ଜଣାଇଲୁ ନାହିଁ ? ଖାଇବାକୁ ଦେଇ ନ ପାରିଲେ ମଧୁ ଦାସ ଗୋଟିଗୋଟି କରି ସବୁ ଗାଈ ବିକିଦେବ ସିନା , କ୍ଷୀର ବିକିପାରିବ ନାହିଁ । ଅଭାବ ଭିତରେ ଉତ୍କଳ ଟ୍ୟାନେରୀ ଜୋତା କାରଖାନା ଟା ନିଲାମ ହୋଇଗଲା । ତା ଦେହ ସହିଲା, ତଥାପି ମଧୁ ଦାସ ତଳକୁ ଖସି ଯାଇ ନାହିଁ । ନା, ତା ହୋଇପାରିବ ନାହିଁ । କାଲିଠାରୁ କ୍ଷୀର ମାଗଣା ଦିଆ ଯିବ । "ଗାଈ ଦୁହାଁଳ ଥିବା ପର୍ଯ୍ୟନ୍ତ କୋଠି ଖର୍ଚ୍ଚ ରୁ କାଟି ଏହି ଛୁଆମାନଙ୍କୁ କ୍ଷୀର ଦିଆଯିବ " ।



# କଠିନ ଶବ୍ଦ

| | |
|---|---|
| ଚୁନି | ଗୋଖାଦ୍ୟ |
| ଗରଜି | ଚିତ୍କାର |
| ଦୁହାଁଳ | କ୍ଷୀର ଦେଉଥିବା |
| ଦାନା | ଖାଦ୍ୟ |
| ଅଭାବ | ଗରିବ / ନଥିବା |

ଓଡ଼ିଆ ମାନଙ୍କର ଦୁର୍ଦ୍ଦଶା ଦେଖି ଯାହାଙ୍କର ପ୍ରାଣ ସବୁବେଳେ କାନ୍ଦୁଥିଲା , ସେ କଣ କେବେ ଏଭଳି କ୍ଷୀର ବିକି ପାରିଥାନ୍ତେ ? ଏ ମଧୁ ଦାସ କିଏ : ସେ ବିଷୟ ରେ ଅଧିକ ଜାଣିବାର ଆବଶ୍ୟକତା ନାହିଁ । କାରଣ ସେ ମଧୁ ବାରିଷ୍ଟର , ମିଷ୍ଟର ଦାସ, ମଧୁବାବୁ ଭାବେ ଓଡିଶାରେ ସବୁଠାରେ ଜଣାଶୁଣା । ଏବେ ମଧ୍ୟ ଲୋକଙ୍କ ମୁହଁ ରୁ ଢଗ ଟିଏ ଶୁଣିବାକୁ ମିଳେ "ପାଠ ପଢ଼ିବି , କାଳିଆ ଘୋଡାରେ ଚଢ଼ିବି , ମଧୁବାବୁ ସଂଗେ ଲଢ଼ିବି । ତାଙ୍କ ପରି ପଢୁଆ ଲଢୁଆ ମଣିଷ ସେତେବେଳେ ଓଡିଶା ରେ ଖୁବ କମ ଥିଲେ । ସେ ରେଭେନ୍ସା କଲିଜିଏଟ ସ୍କୁଲ ରୁ ପ୍ରବେଶିକା ପରୀକ୍ଷା ରେ ପାସ କରିବା ପରେ ପ୍ରଥମେ କଲିକତା ପଢିବାକୁ ଯାଇଥିଲେ । ସେଠାରୁ ସେ ଏମ.ଏ ,ବି ଏଲ ପାସ କରିଥିଲେ ।



ODM
EDUCATIONAL GROUP
Changing your Tomorrow

ODM EDUCATIONAL GROUP
Changing your Tomorrow

# କଠିନ ଶବ୍ଦ

| | |
|---|---|
| ଦୁର୍ଦ୍ଦଶା | ଖରାପ ଅବସ୍ଥା |
| ପ୍ରବେଶିକା ପରୀକ୍ଷା | ଏବେକାର ମାଟ୍ରିକ ପରୀକ୍ଷା |
| ନିଲାମ | ବିକ୍ରି |
| ପଢୁଆ | ଶିକ୍ଷିତ |
| ଲଢୁଆ | ଯିଏ ଲଢେ |

ODM EDUCATIONAL GROUP
Changing your Tomorrow

# ଅଧ୍ୟୟନରୁ ଲବ୍ଧ ଜ୍ଞାନର ଫଳାଫଳ

ମଧୁସୂଦନ ନିଜର □□□□ଭିମାନ କିପରି ବଜାୟ ରଖିଥିଏ ତାହା ଜାଣିବା



# ଗୃହ କର୍ମ

ତଳେ ଦିଆଯାଇଥିବା ଶବ୍ଦ ଗୁଡିକ କଣ ତାହା ଲେଖ ।  ଯଥା ସୁଦାମ -- ଏକ ବ୍ୟକ୍ତି ର ନାମ

ଗୋଲାପ -

କଟକ -

ଓକିଲାତି -

ଗାଈ -

ସହନଶୀଳତା -

EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP